SAMBAD
ସମ୍ବାଦ
est circulated odia daily






ରାଜନୀତି ଅଧିକ, ସୁଶାସନ କମ୍: ବୈଜୟନ୍ତ...

## ରାଜନୀତି ଅଧିକ, ସୁଶାସନ କମ୍: ବୈଜୟନ୍ତ

ଭୁବନେଶ୍ୱର, (ଇମିସ): ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଓଡ଼ିଶା ଗସ୍ତ ପଛରେ ରାଜନୈତିକ ଉଦ୍ଦେଶ୍ୟ ଅଧିକ ଏବଂ ସୁଶାସନ କମ୍ ରହିଛି ବୋଲି ବିଜେଡି ରାଜ୍ୟସଭା ସାଂସଦ ବୈଜୟନ୍ତ ପଣ୍ଡା ଅଭିଯୋଗ କରିଛନ୍ତି । ଶ୍ରୀ ପଣ୍ଡା ଗତକାଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଭୁବନେଶ୍ୱରରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ (ଏନ୍ଆଇଏସ୍) ସ୍ଥାପନା, କେବିକେ ଯୋଜନା ଓ ବନ୍ୟା ସହାୟତା ଯୋଗାଇ ଦେବାକୁ ନେଇ କେନ୍ଦ୍ର ସରକାର ଓଡ଼ିଶା ସହ ଖେଳୁଛନ୍ତି । ଏନ୍ଆଇଏସ୍ ବଦଳରେ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନକୁ ଅପ୍‌ଗ୍ରେଡ୍ କରାଯାଉଛି ଏବଂ କେବିକେ ଯୋଜନା ବ୍ୟୟବରାଦକୁ ୨୫୦ କୋଟି ଟଙ୍କାରେ ସୀମିତ ରଖିବାକୁ ଘୋଷଣା କରାଯାଇଛି । ଅନ୍ୟ ରାଜ୍ୟମାନଙ୍କୁ କେନ୍ଦ୍ର ଆବଶ୍ୟକ ମୁତାବକ ସହାୟତା ଦେଉଥିବାବେଳେ ଓଡ଼ିଶାବାସୀଙ୍କୁ ଅଳ୍ପରେ ସନ୍ତୁଷ୍ଟ ହେବାକୁ ପରାମର୍ଶ ଦେଉଛି । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତରୁ ଓଡ଼ିଶାକୁ କିଛି ସହାୟତା ମିଳିବାର ଆଶା ନାହିଁ ବୋଲି ସେ ପ୍ରକାଶ କରିଛନ୍ତି । କେବିକେ ଯୋଜନା ସର୍ବରେ କେନ୍ଦ୍ର ସରକାରଙ୍କ ଅସ୍ପଷ୍ଟ ଆଭିମୁଖ୍ୟ ସର୍ବରେ ବର୍ଣ୍ଣନା କରି ସାଂସଦ ଶ୍ରୀ ପଣ୍ଡା କହିଥିଲେ, ମୌସୁମୀ ଅଧିବେଶନର ଶେଷ ଦିନରେ କେବିକେ ସର୍ବରେ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଆଲୋଚନା ହେବାର ଥିଲା । କିନ୍ତୁ ସରକାରୀ ପକ୍ଷର ସାଂସଦ ମାନେ ଗୃହକାର୍ଯ୍ୟ ଚଳାଇ ଦେଇ ନ ଥିଲେ । ଅଧିବେଶନର ଅନ୍ତିମ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ବି କେବିକେ ଅନୁଦାନ ହ୍ରାସ ପ୍ରସଙ୍ଗକୁ ଚତୁରତାର ସହ ଏଡ଼ାଇ ଯାଇଥିଲେ । କେବିକେ ଯୋଜନାକୁ ବନ୍ଦ କରି କେନ୍ଦ୍ର ସରକାର କେବିକେର ୮ଟି ଜିଲ୍ଲାକୁ ପଛୁଆ ଅଞ୍ଚଳ ବିକାଶ ଯୋଜନାରେ ସାମିଲ କରିଛନ୍ତି । ଏଥିପାଇଁ ସାରା ଦେଶରୁ ୨୦୦ଟି ଜିଲ୍ଲାକୁ ଚୟନ କରାଯାଇଛି ଯେଉଁଥିରେ ପଞ୍ଜାବ, କର୍ଣ୍ଣାଟକ ଭଳି ବିକଶିତ ରାଜ୍ୟର ଜିଲ୍ଲା ମଧ୍ୟ ସାମିଲ ହୋଇଛି । ଦେଶର ସବୁଠାରୁ ପଛୁଆ ଭାବେ ପରିଗଣିତ କେବିକେ ଅଞ୍ଚଳ କ'ଣ ଏହି ୨୦୦ ଜିଲ୍ଲା ସହ ସମାନ ବୋଲି ସେ ପ୍ରଶ୍ନ ଉଠାଇଥିଲେ । ସେ କହିଥିଲେ କେନ୍ଦ୍ର ସରକାର ଜାଣିଶୁଣି ଏହି ବାଛ ବିଚାର










କରିଛନ୍ତି । ଏହାକୁ ସମ୍ବୋଧନ କରିବା ଲାଗି ଓଡ଼ିଶା ସରକାର ବିଜୁ କେବିକେ ଯୋଜନା ପ୍ରଣୟନ କରିଛନ୍ତି । ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ (ଏନ୍‌ଆଇଏସ୍) ନେଇ ମଧ୍ୟ କେନ୍ଦ୍ର ସରକାର ଓଡ଼ିଶା ସହ ଲୁଚକାଳି ଖେଳୁଛନ୍ତି ବୋଲି ଶ୍ରୀ ପଣ୍ଡା ଅଭିଯୋଗ କରିଥିଲେ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ କହୁଛନ୍ତି ଏନ୍‌ଆଇଏସ ହେବ । କିନ୍ତୁ ମାନବ ସମ୍ବଳ ବିକାଶ ମନ୍ତ୍ରୀ କହୁଛନ୍ତି ହେବ ନାହିଁ । ପ୍ରଧାନମନ୍ତ୍ରୀଙ୍କ କଥାକୁ ତାଙ୍କ ମନ୍ତ୍ରୀ ମାନୁ ନାହାନ୍ତି । ଏବେ ଏନ୍‌ଆଇଏସ ପ୍ରତିଷ୍ଠା ନାମରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସକୁ ୧୦୦ କୋଟି ଟଙ୍କା ଦେଇ ଅପ୍‌ଗ୍ରେଡ୍ କରାଯିବ । କିନ୍ତୁ ଏହା ଏନ୍‌ଆଇଏସ ନୁହେଁ । ଆମେ କେନ୍ଦ୍ରକୁ ଭିକ ମାଗୁ ନାହୁଁ, ନ୍ୟାଯ୍ୟ ଦାବି ଜଣାଉଛୁ ବୋଲି ସାଂସଦ ଶ୍ରୀ ପଣ୍ଡା କହିଥିଲେ । ତେବେ ଏନ୍‌ଡିଏ ସମୟରେ କେନ୍ଦ୍ର ସରକାର ଭୁବନେଶ୍ୱର ଏନ୍‌ଆଇଏସ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଥିଲେ କି ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ ଏଥିପାଇଁ କ୍ୟାବିନେଟ୍ ମଞ୍ଜୁରୀର ଆବଶ୍ୟକତା ନାହିଁ । ୟୁଜିସି ନିଜେ ଏନ୍‌ଆଇଏସ ପ୍ରତିଷ୍ଠା କରିପାରିବ ।

## ମୁଖ୍ୟଖବର

- ସ୍ୱାଗତମ୍ ମନମୋହନ ସିଂହ । ଆଜି ପ୍ରଧାନମନ୍ତ୍ରୀ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ।
- ପ୍ରଧାନମନ୍ତ୍ରୀଙ୍କ କେବିକେ ସମୀକ୍ଷା, ଅତୁଆ ପ୍ରଶ୍ନର ଉତ୍ତର ଯୋଗାଡ଼ରେ ସରକାର ବ୍ୟସ୍ତ
- ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା: ୨ୟ ପର୍ଯ୍ୟାୟରୁ ରାୟଗଡ଼ା, ବୌଦ୍ଧ ବାଦ୍
- ସ୍କୁଲ ଘରେ ବନ୍ଦ କରି ଛାତ୍ରକୁ ମାଡ଼
- ପାଣିଟାଙ୍କି ଭୁଶୁଡ଼ି ୫୦ ମୃତ
- ହୃଷୀଦା’ ଆଉ ନାହାନ୍ତି
- ବ୍ରହ୍ମପୁରର ସିଦ୍ଧ ବିନାୟକ ମନ୍ଦିର ନିକଟରେ ବିସ୍ଫୋରଣ
- ବିମାନ ଦୁର୍ଘଟଣାରେ ୪୯ ମୃତ
- ‘ଇଚ୍ଛାମୃତ୍ୟୁ’ ଲୋଡ଼ିବାର ୨୧ ଘଣ୍ଟା ପରେ ମହିଳାଙ୍କ ପରଲୋକ
- ଆଏଜ୍ ନୂଆଁଖାଇ:ନାଇଁନ ନୂଆଁ ଧାନ୍, ହେଲେ ଉନା ନୁହେଁ ମନ୍
- ଓଡ଼ିଆ ବଜାରରେ ଉତ୍ତେଜନା: ଟେକାପଥର ମାଡ଼ରେ ଜଣେ ଆହତ
- ୩୦୦ ଗଣେଶଙ୍କୁ ନେଇ ପ୍ରଦର୍ଶନୀ
- ଓୟୁଡବ୍ଲୁଜେ(ଆଇଜେୟୁ)ର ଜାତୀୟ କାର୍ଯ୍ୟକାରିଣୀ, ‘ପ୍ରେସ୍ ସ୍ୱାଧୀନତା କ୍ଷତିଗ୍ରସ୍ତ ହେଲେ ଗଣତନ୍ତ୍ର ଭୁଶୁଡ଼ିବ’
- ଏଣିକି ଭିଆଇପିଙ୍କ ଗସ୍ତ ପାଇଁ ନୂଆ ହେଲିପ୍ୟାଡ଼ ଡିଜାଇନ୍
- ନକ୍ସଲଙ୍କ ମାଡ଼ରେ ଗ୍ରାମସେବକ ଲହୁ ଲୁହାଣ
- ଅପରାଧର ଚେର ସୁରତରେ?, ଆସିକା ବାସନାପଲ୍ଲୀରେ ନୃଶଂସ ହତ୍ୟାକାଣ୍ଡ, ୪ ଭାଇ ଗିରଫ
- ମହିଳା ଆୟୋଗଙ୍କ ଅଧ୍ୟକ୍ଷତାରେ ଯୌନ କର୍ମୀ ଥଇଥାନ କମିଟି
- ଆଝାରକୁ ମୁକ୍ତ କରିବା ପାଇଁ ଅଟଳ-ଆଡ଼ଭାନୀ ବାଧ୍ୟ କରିଥିଲେ: ଫାରୁକ୍
- ମଦ୍ୟପ ସ୍ୱାମୀର ଉନ୍ମକ୍ତ କାଣ୍ଡ, ପଥରରେ ଛେଚି ପତ୍ନୀ ହତ୍ୟା

ବିତର୍କ/ମତାମତ ସଂଗ୍ରହ

**କେନ୍ଦ୍ରରେ ଉପା ସରକାରର ସ୍ଥିତି ଟଳମଳ କି?**

- ହଁ
- ନା
- ଅନ୍ୟାନ୍ୟ

Vote

ଫଣ୍ଟଳଷ୍ଟକଫଣ୍ଟଳ

News letter

**Newsletter Signup**









ପାଞ୍ଚ ବ
ବରଷ
ଫାଆଷ

Name*
Email*
Subscribe
Unsubscribe

- ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ପ୍ରତିକ୍ରିୟା: ଦୁଇ ଥର ଲୋକାର୍ପଣ ହୋଇଛି, ଆଉ କ'ଣ ଦରକାର?: ଧର୍ମେନ୍ଦ୍ର
- ରାଜନୀତି ଅଧିକ, ସୁଶାସନ କମ୍: ବୈଜୟନ୍ତ
- ବିଜ୍ଞାନ ପ୍ରତିଷ୍ଠାନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ 'ଆଗାମୀ ଓଡିଶା'ର କୃତଜ୍ଞତା

ଆଉଚି
ଭୁଲି..
ଗୁଲି...
ଟଙ୍କାଠ
ପକେଟ

## ଅନ୍ୟାନ୍ୟ ଖବର

- ଦୟାନଦୀ ବିପଦ ସଂକେତ ଟପିଲା, ଗୋଖାଦ୍ୟ ପହଞ୍ଚିଲା, ଲୋକଙ୍କ ପାଇଁ ରିଲିଫ କେବେ?
- ୪ କୋଟି ଟଙ୍କା ଖର୍ଚ୍ଚ ହେଲା: ଡାକ୍ତରଖାନା ନୂଆ କୋଠା ଏବେ ଭୂତକୋଠୀ
- 'ରାମଚନ୍ଦ୍ର ବେହେରାଙ୍କ ଗଳ୍ପ ମଣିଷପଣିଆକୁ ଉପସ୍ଥାପନ କରେ'
- ୨ ଘଣ୍ଟା ବ୍ୟବଧାନରେ ୨ଟି ଦୁର୍ଘଟଣା, ୪ ମୃତ
- ଗୋଟିଏ ସିଟ୍ ପାଇଁ ଏକାଧିକ ଯାତ୍ରୀଙ୍କୁ ଟିକଟ ଦେଇ ବସ୍ ମାଲିକ, ବୁକିଂ କାଉଣ୍ଟର ଦଣ୍ଡିତ
- ଜଳ ନିଷ୍କାସନ ଦାବି: ଗ୍ରାମବାସୀଙ୍କ ରାଜପଥ ଅବରୋଧ
- ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ଦେବଙ୍କ ଜନ୍ମୋତ୍ସବ ପାଳନ
- ଅନୁସୂଚିତ ବର୍ଗର ଓଏଏସ୍‌ଙ୍କୁ ଆଇନଗତ ପଦୋନ୍ନତି ଦାବି
- କାବ୍ୟ କଳାର ଯୁଗାନ୍ତକାରୀ ସ୍ରଷ୍ଟା କବି ଗୁରୁପ୍ରସାଦ
- ବିଦ୍ୟୁତ୍ ଆଘାତରେ ଦଂପତି ମୃତ
- ଦିଲ୍ଲୀରୁ ଦୁଇ ନାବାଳକ ଉଦ୍ଧାର
- ପୂର୍ବ ଶତ୍ରୁତାକୁ ନେଇ ଛୁରୀ ଭୁସି ହତ୍ୟା, ଜଣେ ଗିରଫ

**Site is Under Renovation.**
**The Error Will be Rectified Soon.**

** You can Put your Scrolling Ad's here, for more information contact sambad@orissasambad.com

**Powered by** EML **in association with** Modulesoft Solution (p) Ltd.
Copyright © 2006 orissasambad.com. This site is Best Viewed by : Internet Explorer in 1024 * 768